www.prepp.in

Prepp
Your Personal Exams Guide

Language Code : **14**

इस पुस्तिका में **19** मुद्रित पृष्ठ हैं।
This booklet contains **19** Printed pages.

# SAS-24-I

**प्रश्न-पत्र-I / PAPER-I**
**ओड़िया भाषा परिशिष्ट**
**Odia Language Supplement**
**भाग-IV & V / PART-IV & V**

**मुख्य परीक्षा पुस्तिका संख्या / Main Test Booklet No.**

**मुख्य परीक्षा पुस्तिका कोड / Main Test Booklet Code**

**J**

**इस परीक्षा पुस्तिका को तब तक न खोलें जब तक कहा न जाए।**
**Do not open this Test Booklet until you are asked to do so.**
**इस परीक्षा पुस्तिका के पिछले आवरण (पृष्ठ 18 व 19) पर दिए निर्देशों को ध्यान से पढ़ें।**
**Read carefully the Instructions on the Back Cover (Page 18 & 19) of this Test Booklet.**

**ओड़िया में निर्देशों के लिए इस पुस्तिका का पृष्ठ 2 देखें। / FOR INSTRUCTIONS IN ODIA SEE PAGE 2 OF THIS BOOKLET.**

## परीक्षार्थियों के लिए निर्देश

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो **या** तो भाग IV (भाषा I) **या** भाग V (भाषा II) **ओड़िया** भाषा में देना चाहते हैं, लेकिन **दोनों नहीं**।
2. परीक्षार्थी भाग I एवं भाग II **या** III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं। भाषा परिशिष्टों को आप अलग से माँग सकते हैं।
4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल काले/नीले बॉल पॉइंट पेन** का प्रयोग करें।
5. इस भाषा पुस्तिका का **संकेत** है **J**। यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है। अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, जो प्रत्येक 1 अंक का है :
   भाग-IV : भाषा-I (ओड़िया) (प्र. 91 से प्र. 120)
   भाग-V : भाषा-II (ओड़िया) (प्र. 121 से प्र. 150)
7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं। इस परीक्षा पुस्तिका में केवल ओड़िया भाषा से संबंधित प्रश्न दिए गए हैं। **यदि भाषा-I और/या भाषा-II में आपके द्वारा चुनी गई भाषा(एँ) ओड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए। जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा-I (भाग-IV) में चुनी गई भाषा से भिन्न हो।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें।
10. सभी उत्तर केवल OMR उत्तर पत्र पर ही अंकित करें। अपने उत्तर ध्यानपूर्वक अंकित करें। उत्तर बदलने हेतु श्वेत रंजक का प्रयोग निषिद्ध है।

## INSTRUCTIONS FOR CANDIDATES

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**.
2. Candidates are required to answer Part I and Part II **OR** III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Black/Blue Ball Point Pen only** for writing particulars on this page/ marking responses in the Answer Sheet.
5. The CODE for this Language Booklet is **J**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Test Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :
   Part-IV : Language-I (Odia) (Q. 91 to Q. 120)
   Part-V : Language-II (Odia) (Q. 121 to Q. 150)
7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia language have been given. **In case the language/s you have opted for as Language-I and/or Language-II is a Language other than Odia, please ask for a Test Booklet that contains questions on that language. The language being answered must tally with the languages opted for in your Application Form.**
8. **Candidates are required to attempt questions in Part-V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

परीक्षार्थी का नाम (बड़े अक्षरों में) : ____________________
Name of the Candidate (in Capitals) :

अनुक्रमांक : (अंकों में) / Roll Number : in figures ____________________
: शब्दों में / in words ____________________

परीक्षा केन्द्र (बड़े अक्षरों में) : ____________________
Centre of Examination (in Capitals) :

परीक्षार्थी के हस्ताक्षर : ____________________ निरीक्षक के हस्ताक्षर : ____________________
Candidate's Signature : Invigilator's Signature :

Facsimile Signature Stamp of
Centre Superintendent : ____________________

Language Code : **14**

# SAS-24-I

ପରୀକ୍ଷା ପୁସ୍ତିକା କୋଡ୍

**J**

ଏହି ପୁସ୍ତିକାରେ 19 ପୃଷ୍ଠା ଅଛି

## ପ୍ରଶ୍ନପତ୍ର - I
## ଓଡ଼ିଆ ଭାଷା ପରିଶିଷ୍ଟ
## ଭାଗ IV & V

**ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।**

**ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 18 & 19) ଦିଆଯାଇଥିବା ନିର୍ଦ୍ଦେଶାବଳୀ ଭଲ ଭାବରେ ପଢ଼ନ୍ତୁ ।**

**ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :**

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟିଯାକ ଭାଗ ପାଇଁ ନୁହେଁ ।**
2. ପରୀକ୍ଷାର୍ଥୀ I, II, III ଭାଗର ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ବାଛିଥିବା ଭାଷାରେ ଦେବେ ।
3. ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ଇଂରାଜୀ ଓ ହିନ୍ଦୀ ଭାଷାରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ କଳା/ନୀଳ ବଲ୍ ପଏଣ୍ଟ ପେନ୍** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **J** । ମୁଖ୍ୟ ପ୍ରଶ୍ନପତ୍ର ଉପରେ ଓ ଉତ୍ତରଖାତାର **ପୃଷ୍ଠା-2** ରେ ସମାନ କୋଡ ରହିବା ଆବଶ୍ୟକ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ - ଭାଗ IV ଓ ଭାଗ V, ଏହା ସମୁଦାୟ **60** ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।

   | | | | | |
   |---|---|---|---|---|
   | ଭାଗ - IV | : | ଭାଷା - I | (ଓଡ଼ିଆ) | (ପ୍ରଶ୍ନ 91 ରୁ 120) |
   | ଭାଗ - V | : | ଭାଷା - II | (ଓଡ଼ିଆ) | (ପ୍ରଶ୍ନ 121 ରୁ 150) |

7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ, ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫ୍‌କାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତରଖାତାରେ, ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀଙ୍କ ନାମ : ____________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ : ____________________

: ଶବ୍ଦରେ ଲେଖନ୍ତୁ : ____________________

ପରୀକ୍ଷା କେନ୍ଦ୍ର : ____________________

ପରୀକ୍ଷାର୍ଥୀଙ୍କ ହସ୍ତାକ୍ଷର : ____________________ ନିରୀକ୍ଷକଙ୍କର ହସ୍ତାକ୍ଷର ____________________

Facsimile signature stamp of
Centre Superintendent : ____________________

prepp
Your Personal Exams Guide

ପରୀକ୍ଷାର୍ଥୀ **ଭାଷା-I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-IV** ରେ **(ପ୍ରଶ୍ନ ସଂଖ୍ୟା 91 - 120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-IV (Q.No. 91-120)**, if they have opted **ODIA** as **Language-I** only.

Prepp
Your Personal Exams Guide

## PART-IV

## LANGUAGE-I

## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-IV** ରେ **(ପ୍ରଶ୍ନ ସଂଖ୍ୟା 91 - 120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

**ନିମ୍ନଲିଖିତ ଅନୁଚ୍ଛେଦ ପାଠକରି 91-99 ପ୍ରଶ୍ନର ଉତ୍ତର ପ୍ରଦାନ କର ।**

ଇତିହାସ ପାଠ କରିବା ବେଳେ ଅନେକ ସମୟରେ ଆମ୍ଭେମାନେ ଅଲକ୍ଷିତ ଭାବରେ ସେହି ସାଧାରଣ ଭୂମିରେ ଉପସ୍ଥିତ ହେଉଁ । ତେତେବେଳେ ଅତୀତର ସୁଖ ଦୁଃଖ, ହର୍ଷ ବିଷାଦ, ଭୟ ବିଭୀଷିକା, ସାହସ ଓ ବିକ୍ରମ, ଜୀବନ ଓ ମୃତ୍ୟୁ ଆମ୍ଭମାନଙ୍କ ନିକଟରେ ଜୀବନ୍ତ ମୂର୍ତ୍ତି ପରିଗ୍ରହ କରି ଦଣ୍ଡାୟମାନ ହୁଏ ଏବଂ ନିଜ ଜୀବନର ବ୍ୟାପାରତୁଲ୍ୟ ପ୍ରତିଭାତ ହୁଏ । ଏହି ଅବସ୍ଥାରେ ଅତୀତ ପ୍ରତି ହୃଦୟର ସହାନୁଭୂତି ସ୍ୱତଃ ଜାଗ୍ରତ ହୋଇଉଠେ । ଅତୀତର ଜୟୋଲ୍ଲାସ ନିଜ ଜୀବନର ଜୟୋଲ୍ଲାସରେ ପରିଣତ ହୁଏ । ଏହିପରି ପ୍ରତ୍ୟକ୍ଷ ଘଟନା ସଙ୍ଗେ ଯେତେବେଳେ ଜୀବନର ଯୋଗ ସଂସ୍ଥାପିତ ହୁଏ, ତେତେବେଳେ ସମଗ୍ର ଅତୀତ ବର୍ତ୍ତମାନ ଆକାର ଧାରଣ କରେ । ପ୍ରକୃତପକ୍ଷେ ଚିନ୍ତାଶୀଳ ପାଠକ ଇତିହାସ ବର୍ଣ୍ଣିତ ସକଳ ପ୍ରକାର ଚିତ୍ର ନିଜ ଜୀବନରେ ଏବଂ ସମସାମୟିକ ସମାଜ ମଧ୍ୟରେ ପ୍ରତିବିମ୍ବିତ ଦେଖି ସେଗୁଡ଼ିକରୁ ସମୁଚିତ ଶିକ୍ଷା ଲାଭ କରନ୍ତି ।

ଆମ୍ଭେମାନେ ଚିରକାଳ ଶୁଣି ଆସୁଅଛୁଁ, ଉପଦେଶ ଅପେକ୍ଷା ଦୃଷ୍ଟାନ୍ତ ଶିକ୍ଷା ପକ୍ଷରେ ଅଧିକତର ଉପଯୋଗୀ । ଇତିହାସ ଦୃଷ୍ଟାନ୍ତର ଆକାର; ସୁତରାଂ ତାହା ଶିକ୍ଷାପକ୍ଷରେ କିପରି ଉପଯୋଗ୍ୟ, ବୁଦ୍ଧିମାନ ବ୍ୟକ୍ତି ମାତ୍ରକେ ଅନୁଭବ କରିପାରିବେ । ଉପରେ ଉକ୍ତ ହୋଇଅଛି, ପ୍ରାକୃତିକ ନିୟମର କାର୍ଯ୍ୟପ୍ରଣାଳୀ ସର୍ବତ୍ର ଏବଂ ସର୍ବକାଳରେ ଏକ । ଯେ ପ୍ରକାର କାର୍ଯ୍ୟରୁ ଏକ ବ୍ୟକ୍ତି ବା ଜାତିର ଅଧଃପତନ ହେଲା, ସକଳ ବ୍ୟକ୍ତି ବା ଜାତିର ତଦ୍ୱାରା ନିଶ୍ଚୟ ଅଧଃପତନ ହେବ । ଉନ୍ନତିର ଯେ କ୍ରମ ଏକ ବ୍ୟକ୍ତି ବା ଜାତିର ଜୀବନରେ ପରିଲକ୍ଷିତ ହୁଏ, ସକଳ ବ୍ୟକ୍ତି ଓ ଜାତି ପକ୍ଷରେ ସେହି କ୍ରମ । ବିପରୀତ ପଥରେ ଗମନ କରି କେହି କଦାପି ଉନ୍ନତିର ସୋପାନରେ ଆରୋହଣ କରି ନ ପାରେ । ଅମୁକ ବ୍ୟକ୍ତି ଅହଂକାରୀ ଥିଲା, ତେଣୁ ତାହାର ପତନ ହେଲା - କିନ୍ତୁ ମୁଁ ଚିରକାଳ ଅହଂକାରରେ ବକ୍ଷସ୍ଫୀତ କରି ବୁଲିବି, ଅଥଚ ମୋର ପତନ ନାହିଁ, ଏହା କଦାପି ହୋଇ ନ ପାରେ ।

**91.** 'ପ୍ରାକୃତିକ' - ର ବିପରୀତ କ'ଣ ?

(1) ମସୃଣ (2) କୃତ୍ରିମ (3) କନିଷ୍ଠ (4) ଅବାସ୍ତବ

**92.** ଚିନ୍ତାଶୀଳ ପାଠକ ସମସାମୟିକ ସମାଜରେ ପ୍ରତିବିମ୍ବିତ ଚିତ୍ର ଦେଖି କ'ଣ ଲାଭ କରିଥାନ୍ତି ?

(1) ଦେଶାତ୍ମ ଭାବନା (2) ସମୁଚିତ ଶିକ୍ଷା (3) ବିଜୟ ଉଲ୍ଲାସ (4) ଦିବ୍ୟପ୍ରେରଣା

**93.** ଅତୀତର ଜୟ ଉଲ୍ଲାସ କାହାର ଜୟ ଉଲ୍ଲାସରେ ପରିଣତ ହୋଇଥାଏ ?

(1) ସାହସର (2) ଜୀବନର (3) ଦକ୍ଷତାର (4) ପୁରୁଷାକାରର

**94.** ଇତିହାସ ପାଠବେଳେ ଆମେ କିପରି ସାଧାରଣ ଭୂମିରେ ଉପସ୍ଥିତ ହୋଇଥାଉ ?

(1) ପରୋକ୍ଷ ଭାବେ (2) ଅଲକ୍ଷିତ ଭାବେ (3) ଲକ୍ଷିତ ଭାବେ (4) ପ୍ରତ୍ୟକ୍ଷ ଭାବେ

**95.** କାହା ଅପେକ୍ଷା ଦୃଷ୍ଟାନ୍ତ ଶିକ୍ଷା ଅଧିକ ଉପଯୋଗୀ ?

(1) ସଦ୍‌ଭାବନା (2) ସାତ୍ତ୍ୱିକ ଚିନ୍ତା (3) ଆତ୍ମିକ ଆହ୍ଲାଦ (4) ଉପଦେଶ

**96.** 'ହର୍ଷ ବିଷାଦ' - କେଉଁ ସମାସ ?

(1) ଦ୍ୱିଗୁ (2) କର୍ମଧାରୟ (3) ବହୁବ୍ରୀହି (4) ଦ୍ୱନ୍ଦ୍ୱ

**97.** ଶିକ୍ଷା ଉପରେ ଦୃଷ୍ଟାନ୍ତର ଉପଯୋଗିତା କିଏ ଅନୁଭବ କରିପାରେ ?

(1) ବୀର (2) ବୁଦ୍ଧିମାନ ବ୍ୟକ୍ତି (3) ଇତିହାସକାର (4) ସାହସୀ

**98.** କାହାର କାର୍ଯ୍ୟଧାରା ସତତ ଏକ ?

(1) ବିକ୍ରମର (2) ଅନୁଭବୀର (3) ପ୍ରାକୃତିକ ନିୟମର (4) ଦୃଷ୍ଟାନ୍ତର

**99.** ଇତିହାସ ବର୍ଣ୍ଣିତ ନିଜ ଜୀବନର ସକଳ ଚିତ୍ର କିଏ ଦେଖିଥାଏ ?

(1) ଚିନ୍ତାଶୀଳ ପାଠକ (2) ବୀରପୁରୁଷ (3) ସ୍ୱାଧୀନତା ସଂଗ୍ରାମୀ (4) ଜୀବନୀ ଲେଖକ

**ନିମ୍ନ କବିତାଂଶଟି ପାଠକରି ପ୍ରଶ୍ନସଂଖ୍ୟା 100-105 ର ଉତ୍ତର ପ୍ରଦାନ କର ।**

ତୋଳି ମୁଁ ଧଇଲେ ଗୋଳି ହୋଇଯାଉ ତୁହି,
ତୋ ଦୁର୍ବଳ ଦେଖି କାହିଁ ପଶିବଇଁ ମୁହିଁ ! କଳା ମାଣିକ ରେ ।

ଡାକିନୀ ଲୋଭାନ୍ତି ବୋଲି ଡରୁଥାଇ ମନେ,
ବାର ବାର ବାରୁଥାଇ ଯିବା ପାଇଁ ବନେ ! କଳା ମାଣିକ ରେ ।

ନିଶାଚର ମାତିବାର ଶୁଭୁଛି ଶ୍ରୁତିକି,
ମୁଁ ଡଙ୍କୁଣୀ ଛାଡ଼ିଦେଲି ବନକୁ କାହିଁକି ! କଳା ମାଣିକ ରେ ।

ଝାଳ ବହୁଥିବ ଅଙ୍ଗୁ ଲାଗି ଝାଞ୍ଜି ଖରା,
ଶ୍ରମ ପାଇ ତରୁତଳେ ବସିଥିବୁ ପରା ! କଳା ମାଣିକ ରେ ।

ନେଲୁ ନାହିଁ କାହିଁ ପାଇଁ ତୋ କଠାଉ ଛତା,
ବନେ କଣ୍ଟା ଲାଗି ହୋଏ ମୃଦୁ ପାଦ ଚିନ୍ତା ! କଳା ମାଣିକ ରେ ।

କାନ ଡେରିଥାଇ ଏକା ତୋ' ବେଣୁ ଗୀତକୁ,
ଆଜ କିମ୍ପା ଶୁଭୁ ନାହିଁ ଭାବୁଛି ମନକୁ ! କଳା ମାଣିକ ରେ ॥

**100.** କାହାକୁ ଭୟକରି କୃଷ୍ଣ ବଣକୁ ଯିବା ପାଇଁ ଡରିଥାନ୍ତି ?

(1) ଡାକିନୀ (2) ହିଂସ୍ରଜନ୍ତୁ (3) ଅପଶକୁନ (4) ଭୂତ

**101.** କେଉଁଥି ପାଇଁ ମା' ଯଶୋଦା ଉଦ୍‌ବିଗ୍ନା ?

(1) କୃଷ୍ଣଙ୍କ ମୁଖ ଦେଖିବାକୁ
(2) କୃଷ୍ଣଙ୍କ ଅଳି ସହିବାକୁ
(3) କୃଷ୍ଣ ନିଶାଚରକୁ ଡରିଥାଏ
(4) କୃଷ୍ଣଙ୍କ ବେଣୁର ସ୍ୱର ଶୁଣିବାକୁ

**102.** ଥକି ପଡ଼ିଲେ କୃଷ୍ଣ କେଉଁଠାରେ ଅଶ୍ରୟ ନେଇଥାନ୍ତି ?

(1) ପାହାଡ଼ କନ୍ଦରରେ
(2) ଗଛତଳେ
(3) ଝରଣା କୂଳରେ
(4) ଗୁମ୍ଫାରେ

**103.** 'କଳା ମାଣିକ' ବୋଲି କାହାକୁ ସମ୍ବୋଧନ କରାଯାଇଛି ?

(1) ବଳରାମ
(2) ସୁଦାମ
(3) ମଧୁ ମଙ୍ଗଳ
(4) କୃଷ୍ଣ

**104.** କୃଷ୍ଣଙ୍କ ପାଦ କଥା ଚିନ୍ତା କରି ଯଶୋଦା କାହିଁକି ଚିନ୍ତିତ ହୋଇଛନ୍ତି ?

(1) ପାଦରୁ ଲହୁ ଝରିବ
(2) ପାଦରେ କଠାଉ ନାହିଁ
(3) ବଣରେ ଚାଲିବା କଷ୍ଟ
(4) କୋମଳ ପାଦକୁ ପୀଡ଼ା ହେବ

**105.** 'ଶ୍ରୁତି' - ଶବ୍ଦର ଅର୍ଥ କ'ଣ ?

(1) କାନ
(2) ମସ୍ତିଷ୍କ
(3) ଛାତି
(4) ହୃଦୟ

**106.** ଏଗୁଡ଼ିକ ମଧ୍ୟରୁ କେଉଁ ମନ୍ତବ୍ୟ ବାକ୍ୟଟି ନିମନ୍ତେ ପ୍ରଯୁଜ୍ୟ ନୁହେଁ ? ବାକ୍ୟଟି ହେଲା - ରାଇମ୍‌ସ, ଗୀତ ଓ ଆବୃତ୍ତି ଶିଶୁଙ୍କର __________ ପାଇଁ ସହାୟକ ହୋଇଥାଏ ।

(1) ଶବ୍ଦ ଓ ବାକ୍ୟର ଗଠନ ମନେରଖିବା
(2) ଉଚ୍ଚାରଣ ଅଭ୍ୟାସ
(3) ବାକ୍ୟର ପ୍ରକାଶ ଏବଂ ମେଳ କରିବାର ଜ୍ଞାନର ବୃଦ୍ଧି
(4) ଶବ୍ଦଜ୍ଞାନର ପରିସର ବୃଦ୍ଧି

**107.** ଶିକ୍ଷାର୍ଥୀଙ୍କୁ ନିଜର ମାତୃଭାଷା ଭାଷାଶିକ୍ଷାରେ ବ୍ୟବହାର କରିବାକୁ କେଉଁ ପଦ୍ଧତି ପ୍ରୋତ୍ସାହନ ଦେଇ ନଥାଏ ?

(1) ବାର୍ତ୍ତାଳାପ ପଦ୍ଧତି (2) ପ୍ରତ୍ୟକ୍ଷ ପଦ୍ଧତି

(3) ଶ୍ରାବ୍ୟ-ଭାଷିକ ପଦ୍ଧତି (4) ପ୍ରାକୃତିକ ପଦ୍ଧତି

**108.** ଏଥିମଧ୍ୟରୁ କେଉଁଟି ପ୍ରାଥମିକ ସ୍ତରରେ ଲାଇବ୍ରେରୀ ବ୍ୟବହାର ସମ୍ପର୍କରେ ସତ୍ୟ ନୁହେଁ ?

ଲାଇବ୍ରେରୀକୁ କେବଳ ପୁସ୍ତକ ଗୋଦାମ୍ ଭାବରେ ବିଚାର କରାନଯାଇ -

(1) ଅନେକ ପୁସ୍ତକ ଥିବାରୁ ଏହାକୁ ପ୍ରତ୍ୟକ୍ଷ ତଥା ସଚଳ ପରିବେଶ ଭାବରେ ପୁସ୍ତକ ଗ୍ରହଣ କରାଯାଇପାରେ

(2) ଏଠାରେ ଶିକ୍ଷକ ଏବଂ ବୟସ୍କ ବ୍ୟକ୍ତିମାନେ ପିଲାଙ୍କର ପୁସ୍ତକ ପଠନ ବ୍ୟବହାର ପାଇଁ ମଡ଼େଲ୍ ହୋଇପାରିବେ

(3) ଲାଇବ୍ରେରୀରେ ପୁସ୍ତକକୁ ଉଚ୍ଚ ସ୍ୱରରେ ପାଠ କରାଯାଇପାରେ

(4) ଶିକ୍ଷାର୍ଥୀ ଶିଶୁ ସାହିତ୍ୟର ବିଭିନ୍ନ ବିଭାଗ ସହିତ ପରିଚିତ ହୋଇପାରିବେ

**109.** ଅକ୍ଷର ଶିକ୍ଷଣ ପଦ୍ଧତିରେ ଅକ୍ଷର ଓ ଧ୍ୱନି ମଧ୍ୟରେ ସମ୍ପର୍କ ଉପରେ ଗୁରୁତ୍ୱ ଦିଆଯାଇଥାଏ ।

(1) ବ୍ୟାକରଣ - ଅନୁବାଦ (2) ପରିସ୍ଥିତି ଆଧାରିତ ପଦ୍ଧତି

(3) ଧ୍ୱନି ସମ୍ବନ୍ଧୀୟ ନିର୍ଦ୍ଦେଶ (4) ସମ୍ପୂର୍ଣ୍ଣ ଭାଷା ଶିକ୍ଷା

**110.** ଜଣେ ପଞ୍ଚମ ଶ୍ରେଣୀରେ ପଢୁଥିବା ଛାତ୍ର କହନ୍ତି - ''ମୁଁ ଶିକ୍ଷକଙ୍କୁ ମୋର କାମ ପୂର୍ଣ୍ଣକରି ଦେବା ପୂର୍ବରୁ ତାର ସଠିକତା ଜାଣିବା ପାଇଁ ଆଉଥରେ ଦେଖିନିଏ ।'' ଶିକ୍ଷାର୍ଥୀ ଲିଖନର କେଉଁ ସ୍ତରରେ ଅଛନ୍ତି ?

(1) ପୁନଃଲିଖନ (2) ଭ୍ରମ ସଂଶୋଧନ

(3) ଶେଷ ଆକଳନ (4) ଲିଖନ

**111.** ତୃତୀୟ ଶ୍ରେଣୀ ପିଲାଙ୍କୁ ପଢ଼ାଉଥିବା ଜଣେ ଶିକ୍ଷକ ଶ୍ରେଣୀକକ୍ଷରେ ଏକ ପଠନ ଭାଗ ରଖିବାକୁ ଚାହାନ୍ତି । ପିଲାଙ୍କ ପୁସ୍ତକ ବାଛିବାରେ ଏଥିମଧ୍ୟରୁ କେଉଁ ଉପଦେଶକୁ ସେ ମୁଖ୍ୟ ଭାବି ପ୍ରଥମେ ବିଚାର କରିବେ ?

(1) ଶ୍ରେଣୀର ବହୁସଂଖ୍ୟକ ଶିକ୍ଷାର୍ଥୀଙ୍କର ପଠନ ସ୍ତର ନିମନ୍ତେ ପୁସ୍ତକଗୁଡ଼ିକ ଉପଯୋଗୀ ତ ?

(2) ତୃତୀୟ ଶ୍ରେଣୀର ପିଲାଙ୍କ ପାଠ୍ୟଖସଡ଼ାର ପଠନ ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟ ସାଧନ ଉପଯୋଗୀ ସେ ପୁସ୍ତକଗୁଡ଼ିକ କି ନାହିଁ ?

(3) ଏକରୁ ଏକାଧିକ ନିର୍ଦ୍ଦେଶାତ୍ମକ ପ୍ରସଙ୍ଗରେ ସେ ପୁସ୍ତକ ଗୁଡ଼ିକର ଉପାଦେୟତା ଅଛି କି ନାହିଁ ?

(4) ସେ ପୁସ୍ତକର ଲେଖକ ପ୍ରତିଷ୍ଠିତ ଶିଶୁ ଉପଯୋଗୀ ପୁସ୍ତକର ଲେଖକ କି ?

**112.** ବାସ୍ତବିକ ଜୀବନ ପ୍ରସଙ୍ଗରେ କେଉଁ ପଦ୍ଧତି ଶିକ୍ଷାର୍ଥୀଙ୍କୁ ତାଙ୍କର ମୁଖ୍ୟ ଲକ୍ଷ୍ୟ ଆଡ଼କୁ ଆଗେଇବାରେ ସହାୟକ ହୋଇଥାଏ ?

(1) ଯୋଗାଯୋଗ ବା ବାର୍ତ୍ତାଳାପ ପଦ୍ଧତି  (2) ପ୍ରତ୍ୟକ୍ଷ ପଦ୍ଧତି

(3) ଶ୍ରାବ୍ୟ-ଭାଷ୍ୟ ପଦ୍ଧତି  (4) ପ୍ରାକୃତିକ ପଦ୍ଧତି

**113.** ତୃତୀୟ ଶ୍ରେଣୀ ପିଲାଙ୍କୁ ପଢ଼ାଉଥିବା ଜଣେ ଶିକ୍ଷକ ତାଙ୍କର ଶିକ୍ଷାର୍ଥୀଙ୍କୁ ନିଜ ନିଜର ସହପାଠୀଙ୍କୁ 'ପାରିବ କି ?', (ଉଦାହରଣ - ପହଁଚି ପାରିବ କି ?) ଶବ୍ଦ ବ୍ୟବହାର କରି ପାଞ୍ଚଟି ପ୍ରଶ୍ନ ପଚାରିବାକୁ କହିଲେ । ଏ ପ୍ରକାରର କାର୍ଯ୍ୟକୁ କୁହାଯାଏ -

(1) ନିୟନ୍ତ୍ରିତ ମୌଖିକ ଅଭ୍ୟାସ  (2) ମୁକ୍ତ କଥନ

(3) ନିଷ୍କ୍ରିୟ ଶ୍ରବଣ  (4) ମୌଖିକ ଅନର୍ଗଳତା ଅଭ୍ୟାସ

**114.** ବ୍ୟାକରଣକୁ ଫଳପ୍ରଦ କରି ପଢ଼ାଇବାରେ ଏଗୁଡ଼ିକ ମଧ୍ୟରୁ କେଉଁଟି ଠିକ୍ ପଦ୍ଧତି ନୁହେଁ ?

(1) ବ୍ୟାକରଣର ପ୍ରକୃତ ନିୟମକୁ ଲୋପ କରାଏ

(2) ବାର୍ତ୍ତାଳାପର ଅଭ୍ୟାସ କରାଏ

(3) ନିୟମ ମନେରଖି ବ୍ୟାକରଣ ଶିଖିବା ପଦ୍ଧତି ଶିଖାଏ

(4) ବାସ୍ତବ ବାର୍ତ୍ତାଳାପ ଉପସ୍ଥାପନ କରାଏ

**115.** ନିଜର ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ବିଭିନ୍ନ ପ୍ରକାରର ଶିକ୍ଷା ଶିକ୍ଷଣ ସାମଗ୍ରୀ ସଂଗ୍ରହ କଲେ । ଏଥିମଧ୍ୟରୁ କେଉଁଟି ଶିକ୍ଷା-ଶିକ୍ଷଣ ନିମନ୍ତେ ଉପଯୁକ୍ତ ସାମଗ୍ରୀ ନୁହେଁ ?

(1) ଶିକ୍ଷାର୍ଥୀ ସଂଗୃହୀତ ସାମଗ୍ରୀ ପ୍ରତି ଆକର୍ଷିତ ହେବେ ଏବଂ ତା' ଉପରେ ଗବେଷଣା କରିବାରେ ମନ ବଳାଇବେ

(2) ସାମଗ୍ରୀ ସ୍ଥାନୀୟ ପ୍ରସ୍ତୁତି ଉପକରଣ ହୋଇଥିବ ଓ ସେ ଅଞ୍ଚଳରେ ସହଜରେ ମିଳି ପାରୁଥିବ

(3) ସାମଗ୍ରୀ ପିଲାଙ୍କ ଦ୍ଵାରାହିଁ ନିର୍ବାଚିତ ହୋଇଥିବ ଏବଂ ତାହା ମସୃଣ ନହୋଇ ଖଦଖଦଡ଼ିଆ ହେବା ଉଚିତ

(4) ସାମଗ୍ରୀ ଶିକ୍ଷାର୍ଥୀଙ୍କ ବୟସ ଅନୁଯାୟୀ ଆକର୍ଷଣୀୟ ହେବା ଉଚିତ

**116.** ଶିକ୍ଷକ ପିଲାମାନଙ୍କୁ ସେମାନଙ୍କର ନୋଟ୍‌ବୁକ୍‌କୁ ଦୁଇଜଣ ମଧ୍ୟରେ ଅଦଳବଦଳ କରି ଜଣେ ଆଉ ଜଣକର ଲେଖା ଦେଖିବାକୁ କହିଲେ । ଏ ପ୍ରକାର କାର୍ଯ୍ୟର ଉଦ୍ଦେଶ୍ୟ ହେଲା -

(1) ନୂତନ ଶବ୍ଦ ବ୍ୟବହାରର ଅଭ୍ୟାସ କରାଏ

(2) ଗଠନାତ୍ମକ ଦିଗର ନିୟନ୍ତ୍ରଣ କରିବା ଅଭ୍ୟାସ କରାଏ

(3) ଆଉ ଜଣକ ଦ୍ଵାରା ଠିକ୍ କରାଇବାର କୌଶଳର ବିକାଶ କରାଏ

(4) ବିସ୍ତୃତ ପଠନ ଅଭ୍ୟାସର ସୁଯୋଗ ଦେବା

**117.** ପିଲାମାନେ ପ୍ରାରମ୍ଭିକ ସ୍ତରରେ ଶିକ୍ଷଣ ସମୟରେ କେଉଁ କାର୍ଯ୍ୟ ଅପେକ୍ଷା ଅଧିକ ନିମଗ୍ନ ରହନ୍ତି ?

(1) ସେମାନେ ବିଭିନ୍ନ ଜ୍ଞାନ ସହିତ ହସ୍ତର ବିନିଯୋଗ କରିଥାଆନ୍ତି

(2) ସେମାନେ ନୋଟ୍‌ବୁକ୍‌ରେ ଅକ୍ଷର ଖୋଜି ବାରମ୍ବାର ଲେଖନ୍ତି

(3) ସେମାନଙ୍କର ମଟର ସ୍କିଲ୍ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ

(4) ସେମାନେ ଶିକ୍ଷକ ସହିତ ମିଶି ଗୀତ ଗାଆନ୍ତି ଓ ତାଳ ଦିଅନ୍ତି

**118.** ପ୍ରାରମ୍ଭ ଅବସ୍ଥାରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବାରେ ବ୍ୟବହୃତ ରୀତି ଭାବରେ ଏଥିମଧ୍ୟରୁ କେଉଁଟି ଉପଯୁକ୍ତ ନୁହେଁ ?

(1) ଉପସ୍ଥାପନ ରୀତି

(2) ବାସ୍ତବ ରୀତି

(3) ଯାନ୍ତ୍ରିକ ରୀତି

(4) ପାଠ୍ୟଖସଡ଼ା ରୀତି

**119.** ଏକ ନିଜସ୍ୱ, ସ୍ୱାଗତଯୋଗ୍ୟ ଏବଂ ଆମୋଦଦାୟକ ପରିବେଶ ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଅଂଶଗ୍ରହଣ ସମ୍ପର୍କୀୟ ''ନ୍ୟାସନାଲ୍ କରିକୁଲମ୍ ଫ୍ରେମୱାର୍କ''(NCF) ଉତ୍ତମ ଭାବରେ କରାଯାଇପାରେ, ଯଦି -

(1) ଶିକ୍ଷାର୍ଥୀଙ୍କର ସୁନ୍ଦର ସ୍ୱାସ୍ଥ୍ୟ ଓ ସୁସ୍ଥଜୀବନ ଉପରେ ଗୁରୁତ୍ୱଦେବା

(2) ବିକାଶର ବିଭିନ୍ନ ଦିଗକୁ ପିଲାଙ୍କର କାର୍ଯ୍ୟ ପ୍ରଦର୍ଶନ କରାଇବା

(3) ଏକ ରଙ୍ଗୀନ ପରିବେଶ ନିମନ୍ତେ ଶ୍ରେଣୀ କକ୍ଷକୁ ସଜେଇବା

(4) ଗୃହ କାର୍ଯ୍ୟ ଦେବା ଯାହା ଫଳରେ ସେମାନେ ଅତ୍ୟଧିକ ଗରମରେ ବାହାର କାର୍ଯ୍ୟ କରିବେ ନାହିଁ

**120.** ଅକ୍ଷର ଜ୍ଞାନ ହାସଲ ପାଇଁ ଏଥିମଧ୍ୟରୁ କେଉଁଟି ଆହରଣ କରିବାକୁ ପଡ଼ିବ ?

(1) ଅକ୍ଷର ଦର୍ଶନ ଏବଂ ଧାରା ପରିଚୟ

(2) ଭାଷା ବୋଧଗମ୍ୟତା ଓ ତା'ର ଡିକୋଡିଙ୍ଗ୍

(3) ସଠିକତା ଓ ଧ୍ୱନିତାତ୍ତ୍ୱିକ ଧାରା ସମ୍ପର୍କୀୟ ଜ୍ଞାନ

(4) ଧ୍ୱନିତାତ୍ତ୍ୱିକ ସଚେତନତା ଏବଂ ଅନର୍ଗଳତା

ପରୀକ୍ଷାର୍ଥୀ **ଭାଷା-II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-V** ରେ **(ପ୍ରଶ୍ନ ସଂଖ୍ୟା 121 - 150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-V (Q.No. 121-150)**, if they have opted **ODIA** as **Language-II** only.

Prepp
Your Personal Exams Guide

## PART-V

## LANGUAGE-II

## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-V** ରେ **(ପ୍ରଶ୍ନ ସଂଖ୍ୟା 121 - 150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

**ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଶ୍ନସଂଖ୍ୟା 121-128 ର ଉତ୍ତର ଦିଅ ।**

ଆଜିକାଲି ଛାତ୍ରମାନେ ପାଠପଢ଼ା କଥା ଯେତିକି ଜାଣୁଛନ୍ତି, ତା'ଠୁ ବେଶି ଜାଣୁଛନ୍ତି ପରୀକ୍ଷା ବିଷୟରେ । ଆମ ପ୍ରଗତିଶୀଳ ଦେଶରେ ନୋଟ ବହି ଜବତ କରିବା ତ ଦୂରର କଥା, ଏବେ ପ୍ରାଥମିକ ପରୀକ୍ଷା ପାଇଁ ମଧ୍ୟ ପ୍ରଶ୍ନୋତ୍ତର ବହି ସବୁଠୁ ବେଶୀ କଟୁଛି । ନୋଟବହି ପଢ଼ି ଭୋଟ ଦେଇ ପୃଥିବୀରେ କେଉଁଠି କେବେ ଗଣତନ୍ତ୍ର ତିଷ୍ଠିଲାଣି ? ରାତି ପାହିଲେ ଯେଉଁ ବିଲାତ, ଆମେରିକା ଓ ରୁଷ କଥା ଆମେ କହୁଛୁ ଓ ସେମାନଙ୍କ ସଙ୍ଗେ ସମକକ୍ଷ ହେବାପାଇଁ ଚେଷ୍ଟା କରୁଛୁ, ଏମିତି ନୋଟବହି ପଢ଼ି କ'ଣ ଆମେ ସମାନ ହୋଇପାରିବୁ ? ନୋଟ ବହି ପଢ଼ିବା ଲୋକ କ'ଣ ମୌଳିକ ପୁସ୍ତକ ଲେଖିପାରିବ ? ଯେଉଁ ଦେଶରେ ମୌଳିକ ପୁସ୍ତକ ଲେଖା ହୋଇପାରିବ ନାହିଁ, ସେ ଦେଶରେ କ'ଣ ମୌଳିକ ଚିନ୍ତାର ସ୍ଫୁରଣ ହୋଇପାରିବ ?

ପିଲା ଯଦି ପ୍ରାଥମିକ ସ୍କୁଲରୁ ନୋଟବହି ପଢ଼େ, ପରୀକ୍ଷାରେ ପାସ୍ କରିବାର ଆଧୁନିକ କୌଶଳମାନ ଶିଖେ, ବହିର ଜ୍ଞାନ ଅନୁସନ୍ଧାନ ନ କରି ପ୍ରଶ୍ନପତ୍ର କେଉଁଠି ରହିଛି ସେହି ଅନୁସନ୍ଧାନରେ ଅନେକ ସମୟ କଟାଏ, ତେବେ ଜ୍ଞାନାର୍ଜନ କରିବା ତା' ପକ୍ଷରେ ସମ୍ଭବ ହେବ କେଉଁଠୁ ? ଏବେ ଆନ୍ଧ୍ରପ୍ରଦେଶରେ ଜଣେ ଛାତ୍ର ପ୍ରଶ୍ନପତ୍ର ବିକି ଦଶ ହଜାର ଟଙ୍କା ଲାଭ ଉଠାଇଥିବା କଥା ସେଠିକା ବିଧାନସଭାରେ ବିଚାର ହୋଇଯାଇଛି । ଜଣେ ସ୍କୁଲ ଶିକ୍ଷକ ଖୋଲାଖୋଲି ଗୋଟିଏ ପ୍ରବନ୍ଧରେ ଲେଖିଛନ୍ତି, ଯଦି ଆଜିକାଲି କୌଣସି ଅନୁଷ୍ଠାନରୁ ବହୁତ ଛାତ୍ର ଖୁବ୍ ଭଲ ଫଳ ଦେଖାଇଥାନ୍ତି ତେବେ ସେ ପ୍ରକାର ଫଳକୁ ସନ୍ଦେହ ଚକ୍ଷୁରେ ଦେଖିବାକୁ ହେବ । ପିଲା ଖୁବ୍ ଭଲ କରିଛି ଶୁଣିଲା ମାତ୍ରେ ଆମେ ଯଦି ତାକୁ ସନ୍ଦେହ କରିବାକୁ ଆରମ୍ଭ କରୁ ଓ ପାଠପଢ଼ାର ପରିଣତି ଯଦି ଏୟା ହୁଏ, ତେବେ ସେ ପ୍ରକାର ପାଠର ମୂଲ୍ୟ କ'ଣ ? ଜୀବନଟା କେବଳ ସିନା ସନ୍ଦେହରେ ଆରମ୍ଭ ହୋଇ ସନ୍ଦେହରେ ଶେଷ ହେବ ।

**121.** ନୋଟବହି ପଢ଼ା ଶିକ୍ଷା ଓ ଭୋଟଦାନ କାହା ପାଇଁ ଅନ୍ତରାୟ ?

(1) ବିଶ୍ୱପାଇଁ  (2) ଗୋଷ୍ଠୀତନ୍ତ୍ର ପାଇଁ  (3) ଗଣତନ୍ତ୍ର ପାଇଁ  (4) ଦେଶପାଇଁ

**122.** ନୋଟବହିର ପାଠକ ପାଇଁ କେଉଁଟି କଷ୍ଟ ?

(1) ଗାଡ଼ି କିଣିବା  (2) ଘର କରିବା

(3) ମୌଳିକ ବହି ଲେଖିବା  (4) ଚାକିରୀ ପାଇବା

**123.** ପିଲାଏ ଆଜିକାଲି କେଉଁ ବିଷୟରେ ଅଧିକ ଚିନ୍ତିତ ?

(1) ପରୀକ୍ଷା ବିଷୟରେ  (2) ଖାଦ୍ୟ ବିଷୟରେ

(3) ପୋଷାକ ବିଷୟରେ  (4) ପାଠ ବିଷୟରେ

**124.** ପ୍ରାଥମିକ ଶିକ୍ଷାରେ କେଉଁ ବହି ଭଲ କାମ ଦେଇଥାଏ ?

(1) ସାହିତ୍ୟ ବହି (2) ନୋଟବହି

(3) ଛବିବହି (4) ଗଣିତ ବହି

**125.** 'ଜ୍ଞାନାର୍ଜନ' - ର କେଉଁ ବ୍ୟାସବାକ୍ୟ ଠିକ୍ ?

(1) ଜ୍ଞାନକୁ ଅର୍ଜନ (2) ଜ୍ଞାନ ସହିତ ଅର୍ଜନ (3) ଜ୍ଞାନରେ ଅର୍ଜନ (4) ଜ୍ଞାନ ଅଟେ ଅର୍ଜନ

**126.** ନୋଟବହି ପଢୁଥିବା ପିଲା ପାଇଁ କେଉଁଟି ବାଧକ ସାଜିଥାଏ ?

(1) ଚାକିରୀ ଅନ୍ୱେଷଣ (2) ମୌଳିକ ପୁସ୍ତକ ଲିଖନ

(3) ସୁନ୍ଦର ସ୍ୱାସ୍ଥ୍ୟ (4) ବାସ୍ତବ ଜ୍ଞାନାର୍ଜନ

**127.** 'ପ୍ରଗତି' - ର ବିପରୀତ ଶବ୍ଦ କେଉଁଟି ?

(1) ଅବନତି (2) ଅଧୋଗତି (3) ଅର୍ଦ୍ଧଗତି (4) ଉନ୍ନତି

**128.** ଆଜିକାଲି ଜଣେ ଛାତ୍ରର ଭଲ ଫଳକୁ ଲୋକେ କିଭଳି କଳନା କରିଥାନ୍ତି ?

(1) ଖୋଲା ହୃଦୟରେ (2) ସନ୍ଦେହ ଚକ୍ଷୁରେ (3) ଘୃଣିତ ଚକ୍ଷୁରେ (4) ଭଲ ମନରେ

**ନିମ୍ନ ଅନୁଚ୍ଛେଦ ପାଠକରି ପ୍ରଶ୍ନସଂଖ୍ୟା 129-135 ର ଉତ୍ତର ପ୍ରଦାନ କର ।**

ମନେହୁଏ ପୃଥିବୀରେ କେଉଁଠି କେମିତି ଦି ଦିନକ ପାଇଁ ସାଂସ୍କୃତିକ ପୁଷ୍ପ ଫୁଟିବା ଏକ ବ୍ୟତିକ୍ରମ । ମଣିଷମାନଙ୍କ ମଧ୍ୟରେ ଟଣାଓଟରା, ଛକାଛକି, ବଶ୍ୱାସଘାତକତା, ମିଥ୍ୟାଚାର, ଲୁଣ୍ଠନ ଓ ହଣାମରା ପୃଥିବୀର ଚିରାଚରିତ ରୀତି । ଟୟେନ୍‌ବି କହନ୍ତି ସଂସ୍କୃତି ଗୋଟିଏ ଫୁଲପରି । ଅଳ୍ପକାଳ ଫୁଟି ତା ମହକରେ ସମସ୍ତଙ୍କୁ ଆହ୍ଲାଦିତ କରେ । ଫୁଲ ମଉଳି ଗଲା ପରେ ତା'ର ବାସ୍ନା ବାୟୁମଣ୍ଡଳରେ ରହେ । ଲୋକେ ସେହି ବାସ୍ନାକୁ ଉପଭୋଗ କରନ୍ତି, ଫୁଲକୁ ସ୍ମରଣ କରନ୍ତି, ଝୁରନ୍ତି । ଏହି କାଳକୁ ଟୟେନ୍‌ବି ସଭ୍ୟତା ବୋଲି କହନ୍ତି ।

ତାଙ୍କ କଥା ଅନୁସାରେ ସଭ୍ୟତା, ଅପେକ୍ଷାକୃତ ଦୀର୍ଘକାଳ ସ୍ଥାୟୀ । ସଂସ୍କୃତି ଦିନକର ଫୁଲ । ସଭ୍ୟତା ବେଶିଦିନ ରହୁଥିଲେ ମଧ୍ୟ ମଣିଷ କପାଳକୁ ସେତକ ସବୁଦିନେ ମିଳେନା । ଯେତିକି ସଭ୍ୟତା ବଞ୍ଚିରହେ, ସେତିକିରେ ଭୋକିଲା ମଣିଷର ପେଟ ପୂରେନା । ସେ ଅଖାଦ୍ୟ ଖାଏ, ଅସଭ୍ୟତାକୁ ଡାକିଆଣେ । ଅସଭ୍ୟତା ଭିତରେ ଅଧିକାଂଶ ସମୟ ବଞ୍ଚିବା ତା'ର ଭାଗ୍ୟଲିପି ।

ପୃଥିବୀକୁ ଏତେ ଅବତାର ଆସିଲେ, ମଣିଷକୁ ଆଲୋକ ଦେଖାଇବା ପାଇଁ କେତେ ମହାତ୍ମା ଆସିଲେ ତଥାପି ଏଠୁ ଅନ୍ଧକାର ଘୁଞ୍ଚିନାହିଁ କାହିଁକି ? ମଣିଷ ଏତେ ବୁଦ୍ଧିର ଅଧିକାରୀ, ଏତେ କଥା ବୁଝେ ପୁଣି ଅବୁଝା ପାଗଳଙ୍କ ପରି କାହିଁକି ବଞ୍ଚେ ? ଡାନିକେନ୍‌ଙ୍କ କହିବା ଅନୁସାରେ ମନୁଷ୍ୟାକୃତି ପ୍ରାଣୀର ମସ୍ତିଷ୍କ ଅପରେସନ୍ ସମୟରେ କିଛି ତ୍ରୁଟି ରହିଗଲା କି ? ଭୁଲରେ ମସ୍ତିଷ୍କର କେତୋଟି ଦରକାରୀ ସ୍ନାୟୁ କଟିଗଲା ବୋଧେ ! ମଣିଷଠାରେ ଯେ କିଛି ସାଂଘାତିକ ତ୍ରୁଟି ରହିଛି ସେଥିରେ ସନ୍ଦେହର ଅବକାଶ ନାହିଁ । ତା ହୋଇନଥିଲେ ଯେ ସନ୍ଧ୍ୟାବେଳେ ବସି ଭାଗବତରୁ କୃଷ୍ଣଚରିତ ଶୁଣୁଛି ସେତିକିବେଳେ କାଲି ସକାଳେ କାହା ଜମିକୁ ଜବରଦସ୍ତ ଚାଷ କଲାବେଳେ କିପରି ଦଙ୍ଗାହଙ୍ଗାମା କରିବାକୁ ହେବ ସେଇକଥା ତା ମୁଣ୍ଡକୁ ଆସୁଛି ।

**129.** ବିଶ୍ୱରେ ଅବତାରର ଭୂମିକା କ'ଣ ?

(1) ମଣିଷକୁ ଆଲୋକ ଦେଖାଇବା ପାଇଁ  (2) ମଣିଷର ଅହଂତ୍ୱର ବିନାଶ ପାଇଁ

(3) ସଦ୍‌ଭାବନାର ବିକାଶ ପାଇଁ  (4) ଶାନ୍ତି ପ୍ରତିଷ୍ଠା ପାଇଁ

**130.** 'ହଣାମରା' - କେଉଁ ସମାସ ?

(1) ଅବ୍ୟୟ  (2) ବହୁବ୍ରୀହି

(3) ତତ୍‌ପୁରୁଷ  (4) ଦ୍ୱନ୍ଦ୍ୱ

**131.** କାହାର ସ୍ଥାୟିତ୍ୱ କାଳ ବେଶି ?

(1) ସଚ୍ଚାପ୍ରେମର  (2) ସଂସ୍କୃତିର

(3) ସଭ୍ୟତାର  (4) ଭାଇଚାରାର

**132.** ସଭ୍ୟତା ଭିତରେ କାହାର ପେଟ ପୂରେ ନାହିଁ ?

(1) ପୁଞ୍ଜିପତିର  (2) ଅଶିକ୍ଷିତ ଲୋକର

(3) ଭୋକିଲା ମଣିଷର  (4) ଧନୀବ୍ୟକ୍ତିର

**133.** କିଏ ଅଳ୍ପକାଳ ଫୁଟି ଅନ୍ୟକୁ ଖୁସି କରାଇଥାଏ ?

(1) ସଂସ୍କୃତି  (2) ସଭ୍ୟତା

(3) ଚମ୍ପା  (4) ଶେଫାଳି

**134.** ଲୋକେ କାହିଁକି ଫୁଲ ପାଇଁ ଝୁରି ହୁଅନ୍ତି ?

(1) ତାର ଈଶ୍ୱର ସେବା ପାଇଁ  (2) ତାର ମହକ ପାଇଁ

(3) ତାର ତ୍ୟାଗ ପାଇଁ  (4) ତାର ସୌନ୍ଦର୍ଯ୍ୟ ପାଇଁ

**135.** ପୃଥିବୀର ଚିରାଚରିତ ରୀତି କ'ଣ ବୋଲି କୁହାଯାଇଛି ?

(1) ଜ୍ଞାନାର୍ଜନ  (2) ଟଣାଓଟରା  (3) ଭଲପାଇବା  (4) ଦେଶସେବା

**136.** ଜଣେ ଦ୍ୱିତୀୟ ଭାଷାକୁ ସହଜରେ ଶିକ୍ଷା କରିପାରିବେ ଯଦି -

(1) ନିଜ ସମାଜର ଭାଷାଭାଷୀଙ୍କ ଅହରହ ସମ୍ପର୍କରେ ଆସିବେ

(2) ଶ୍ରାବ୍ୟ-ଭାଷିକ ପଦ୍ଧତି ରୂପେ ବାର୍ତ୍ତାଳାପ ଅଭ୍ୟାସ କରିବେ

(3) ଧାର୍ଯ୍ୟ ଭାଷାରେ କଥନ କୋର୍ସରେ ଯୋଗଦେବେ

(4) ଶ୍ରେଣୀକକ୍ଷରେ ଶିକ୍ଷାର୍ଥୀ ବ୍ୟାକରଣ ଉପରେ ଗୁରୁତ୍ୱ ଦେବେ ଏବଂ ଶିକ୍ଷକଙ୍କର ସାହାଯ୍ୟ ନେବେ

**137.** ପଠନ ଶିକ୍ଷାର ସବୁଠାରୁ ବଡ଼ ପରୀକ୍ଷା ହେଲା - ପ୍ରେରଣା ତଥା ଭଲ ଶିଶୁ ସାହିତ୍ୟ ମିଳିବା । ଏଥିରେ ସଫଳ ହେବା ପାଇଁ କ'ଣ ହେବା ଦରକାର ?

(1) ଘରେ ଏକ ଛୋଟ ପାଠାଗାର ରଖିବା ପାଇଁ ପିତାମାତାଙ୍କୁ ପ୍ରୋତ୍ସାହନ ଦେବା

(2) ପଠନରେ ଆଗ୍ରହ ସୃଷ୍ଟି ହେବା ପାଇଁ ସହଜରେ ମିଳୁଥିବା ଶିଶୁ ସାହିତ୍ୟର ସୁବିଧା ଦେବା

(3) ଆଗ୍ରହ ସୃଷ୍ଟି କରାଇବା ପାଇଁ ଶିକ୍ଷକ ପ୍ରଥମେ ଏକ ପୁସ୍ତକ ସହ ପରିଚୟ କରାଇବେ ଏବଂ ତାକୁ ପଢ଼ିବା ପାଇଁ ଉତ୍ସାହିତ କରାଇବେ ।

(4) ପ୍ରତ୍ୟେକ ଦିନ ଗୃହକାର୍ଯ୍ୟ ପାଇଁ ଏକ ପୁସ୍ତକ ପଠନ ପାଇଁ ଶିକ୍ଷକ କାର୍ଯ୍ୟ ଦେବା

**138.** ଜଣେ ଶିକ୍ଷକ ପଞ୍ଚମ ଶ୍ରେଣୀ ପିଲାଙ୍କୁ ଗଳ୍ପଟିଏ ପାଠକରି ଚାରୋଟି ଚିତ୍ରକୁ କ୍ରମରେ ସଜାଇବାକୁ କୁହନ୍ତି ।

ଏ ପ୍ରକାର କାର୍ଯ୍ୟର ଉଦ୍ଦେଶ୍ୟ ହେବ -

(1) ସେମାନଙ୍କୁ ପଢ଼ି ନିର୍ଯାସ ବାହାର କରିବା ଅଭ୍ୟାସ କରାଇବା

(2) ନିର୍ଦ୍ଦିଷ୍ଟ ତଥ୍ୟ ନିମନ୍ତେ ତାଙ୍କୁ ଅଭ୍ୟାସ କରାଇବା

(3) ଗଳ୍ପର କଠିନ ଏବଂ ନୂତନ ଶବ୍ଦକୁ ପୁଣିଥରେ ଦେଖିନେବା

(4) ଛବିଗୁଡ଼ିକ କ୍ରମାନ୍ୱୟରେ ସଜାଇ ରଖିବା

**139.** ପ୍ରାଥମିକ ସ୍ତରରେ ହାସଲ କରିଥିବା ପଠନ କୌଶଳର ମୂଲ୍ୟାୟନ ପାଇଁ ଶିକ୍ଷକ ମୁଖ୍ୟତଃ କାହା ଉପରେ ଗୁରୁତ୍ୱ ପ୍ରଦାନ କରିଥାନ୍ତି ?

(1) ବିରାମ ଚିହ୍ନର ବ୍ୟବହାର

(2) ଉପଯୁକ୍ତ ଗତିରେ ପଠନ

(3) ବୁଝିବା ପରେ ପଠନ

(4) ଅକ୍ଷର ଚିହ୍ନିବା

**140.** ଉତ୍ତମ ପଠନ ରୀତି ତାହାକୁ କୁହାଯାଏ, ଯେଉଁଠାରେ -

(1) ଶିକ୍ଷାର୍ଥୀ ଅଧିକ ଶୁଣିଥାନ୍ତି

(2) ଶିକ୍ଷାର୍ଥୀ ଅଧିକ କଥାବାର୍ତ୍ତା କରନ୍ତି

(3) ଯେଉଁଥିରେ ବାଚାଳ ଶିକ୍ଷାର୍ଥୀ ଅଧିକ ସଂଖ୍ୟାରେ ଭାଗ ନିଅନ୍ତି

(4) ଶିକ୍ଷକ ଅଧିକ ବୁଝାଇଥାଆନ୍ତି

**141.** ପ୍ରାରମ୍ଭରେ ଆକଳନ ସାମଗ୍ରୀ ତଥା ମାର୍ଗ ଏପରି ପ୍ରସ୍ତୁତ ହେବା ଆବଶ୍ୟକ ଯାହାଦ୍ୱାରା __________ ସମ୍ଭବ ହୋଇପାରିବ ।

(1) ଶିଶୁଙ୍କର ଶିକ୍ଷଣ ଅନୁଭୂତିର ବର୍ଦ୍ଧିତ କ୍ଷେତ୍ର ଆପେ ଆପେ ପ୍ରସ୍ତୁତ ହେବା

(2) ଶିକ୍ଷାର୍ଥୀଙ୍କ ବିକାଶ କ୍ଲାସ୍‌ରେ ତାଙ୍କର ଯୋଗଦାନ ଆଧାରରେ ବିଶ୍ଳେଷଣ କରାଯିବା ଏବଂ ବର୍ଣ୍ଣନା କରିବା

(3) ସମସ୍ତ ଶିକ୍ଷାର୍ଥୀଙ୍କର ଆକଳନ ନିମନ୍ତେ ଏକପ୍ରକାର ପଦ୍ଧତିର ପ୍ରୟୋଗ ଶିକ୍ଷକ କରିପାରିବା

(4) ଶିକ୍ଷାର୍ଥୀଙ୍କ ପାଇଁ ବିସ୍ତୃତ ଟେଷ୍ଟ ଓ ପରୀକ୍ଷାହିଁ ଯଥାର୍ଥ ଆବଶ୍ୟକତା

**142.** ଛାପା ପୁସ୍ତକ, ପୁସ୍ତକର ସି:ଡି: ତଥା ପିଲାଙ୍କୁ ବ୍ୟସ୍ତ କରୁଥିବା ଉହ୍ୟ ଦକ୍ଷତା ଆଦି ଶ୍ରେଣୀକକ୍ଷର ଅଂଶବିଶେଷ ହେବା ଉଚିତ । କାରଣ -

(1) ଏହା ଶିକ୍ଷକଙ୍କୁ ଅଧିକ ବ୍ୟକ୍ତିଗତ ସ୍ୱାଧୀନତା ଦେଇଥାଏ ଯାହାଫଳରେ ସେ ଆକଳନ ନିମନ୍ତେ ବିଭିନ୍ନ ପୁସ୍ତକ ବାଛିଥାନ୍ତି

(2) ବିବିଧ ଶିକ୍ଷାର୍ଥୀ ସହଜରେ ଅନେକ ପ୍ରକାରର ପୁସ୍ତକ ପାଇଥାନ୍ତି

(3) ଏଇ ପୁସ୍ତକ ଶିକ୍ଷକଙ୍କ ପାଇଁ ବୋଝ ହେବନାହିଁ

(4) ଏହା କ୍ଲାସରେ ବିଭିନ୍ନ ପରିବେଶ ସୃଷ୍ଟି କରିଥାଏ ଏବଂ ପିଲାମାନେ ଏଇ ବିଭିନ୍ନତା ପସନ୍ଦ କରିଥାନ୍ତି

**143.** ''ଭାଷା ଶିକ୍ଷା ଏକ ବିସ୍ତୃତ ଧାରା ଯାହାର ଆରମ୍ଭ ଜନ୍ମରୁ ହୋଇ ସାରାଜୀବନ ଚାଲିଥାଏ'' - ଆପଣ ଏ ମନ୍ତବ୍ୟକୁ ଗ୍ରହଣ କରନ୍ତି ?

(1) ମୁଁ ଏ ମନ୍ତବ୍ୟ ସହ ଅସମ୍ମତ

(2) ମୁଁ ଏ ମନ୍ତବ୍ୟ ସହ ଆଂଶିକ ଭାବେ ସମ୍ମତ

(3) ମୁଁ ଏ ମନ୍ତବ୍ୟ ସହ ଆଂଶିକ ଭାବେ ଅସମ୍ମତ

(4) ମୁଁ ଏ ମନ୍ତବ୍ୟ ସହ ସମ୍ମତ

**144.** ଶିକ୍ଷାର୍ଥୀ ବ୍ୟାକରଣ ନିୟମ ସହିତ ଶବ୍ଦାବଳୀ ମନେରଖିବା ସଙ୍ଗେସଙ୍ଗେ ସେ ବିଷୟରେ ହୋଇଥିବା ଅନେକ କାର୍ଯ୍ୟ ସମ୍ପର୍କରେ ଜାଣନ୍ତି । ଭାଷା କ୍ଲାସ୍‌ରେ ଶିକ୍ଷକ କେଉଁ ପଦ୍ଧତିର ପ୍ରୟୋଗ କରନ୍ତି ?

(1) ପ୍ରାକୃତିକ ପଦ୍ଧତି (2) ବାର୍ତ୍ତାଳାପ ମାଧ୍ୟମରେ ଶିକ୍ଷା

(3) ବ୍ୟାକରଣ - ଅନୁବାଦ (4) ପ୍ରତ୍ୟକ୍ଷ ପଦ୍ଧତି

**145.** ଶିଶୁଙ୍କର ବୋଧଶକ୍ତି ବିକାଶ ଏବଂ ଭାଷା -

(1) ପ୍ରତ୍ୟେକ ବ୍ୟକ୍ତି ଭାଷା ଆୟତ୍ତ କରିପାରିବାର ଯନ୍ତ୍ରନେଇ ଜନ୍ମଗ୍ରହଣ କରିଥାନ୍ତି

(2) ଭାଷାର ବିକାଶ କୌଣସି ପ୍ରକାର ସମ୍ପର୍କ ଆଧାରରେ ହୋଇନଥାଏ

(3) ପିଲାମାନେ ଆସିଥିବା ସମ୍ପ୍ରଦାୟ ଓ ସଂସ୍କୃତି ସହିତ ସମ୍ପର୍କିତ

(4) 'ଷ୍ଟିମୁଲସ୍ - ରେସ୍‌ପନ୍‌ସ୍' ସିଦ୍ଧାନ୍ତ ସହ ଜଡ଼ିତ ହୋଇ ଅନୁକରଣାତ୍ମକ ହୋଇଥାଏ

**146.** ସମ୍ପୂର୍ଣ୍ଣ ଭାଷା ପଦ୍ଧତି ହେଲା -

(1) କୌଶଳ ଆଧାରିତ (2) ଧ୍ୱନିର ମିଶ୍ରଣ

(3) ଧ୍ୱନି ଓ ଚିହ୍ନର ସମ୍ପର୍କ ଅନୁମିତ (4) ଅର୍ଥ ଆଧାରିତ

Prepp
Your Personal Exams Guide

**147.** ଯଦି ପିଲାମାନେ ତାଙ୍କ ପାଖରେ ପ୍ରଚଳନ ଥିବା ଦୁଇଟି ଭାଷା ଶୁଣନ୍ତି, ତେବେ ସେମାନେ ଦୁଇଟି ଭାଷା ସମ୍ପର୍କରେ ଆସିଥାନ୍ତି । ଏହା କେଉଁ ପରିସ୍ଥିତି ସୃଷ୍ଟି କରିଥାଏ ?

(1) ଶିଶୁଙ୍କ ପାଇଁ ଏହା ସୁବିଧାଜନକ ପରିସ୍ଥିତି ସୃଷ୍ଟି କରିଥାଏ

(2) କୌଣସି ଫରକ ନଥାଏ

(3) ବୁଝିବାରେ ଅସ୍ଥିରତା ସୃଷ୍ଟି କରିଥାଏ

(4) ଶିଶୁଙ୍କ ପାଇଁ ଏହା ଅସୁବିଧାଜନକ ପରିସ୍ଥିତି ସୃଷ୍ଟି କରିଥାଏ

**148.** ଏକ ପଠନର ଉଦ୍ଦେଶ୍ୟ ହେଲା - କିଛି ଜାଣିବା । ଶିକ୍ଷାର୍ଥୀ ପାଠ୍ୟକୁ ଏକାଗ୍ରତାର ସହିତ ପଢ଼ିବେ ଏବଂ ଏହା ବିଷୟରେ ଜାଣିବେ । ଏ ପ୍ରକାରର ପଠନକୁ କୁହାଯାଏ -

(1) ପୁଙ୍ଖାନୁପୁଙ୍ଖ ପଠନ

(2) ସହାୟତା ନେଇ ପଠନ

(3) ଆମୋଦ ପାଇଁ ପଠନ

(4) ବିସ୍ତୃତ ପଠନ

**149.** ପାଠ ଆରମ୍ଭ କରିବା ସମୟରେ ଶିକ୍ଷକ ପିଲାମାନଙ୍କୁ ବିଭିନ୍ନ ଦଳରେ ଭାଗ କରି, ସେ ନିକଟରେ ପଢ଼ିଥିବା ସମ୍ବାଦପତ୍ରରେ ପ୍ରକାଶିତ ଲେଖାକୁ ପଢ଼ି ତା ବିଷୟରେ କିଛି କହିବାକୁ କହିଲେ । ଏ ପ୍ରକାରର କଥନ କାର୍ଯ୍ୟକୁ କୁହାଯାଏ -

(1) ମୌଖିକ ଅଭ୍ୟାସ ନିୟନ୍ତ୍ରଣ

(2) ସାହାଯ୍ୟ ନେଇ ମୌଖିକ ଅଭ୍ୟାସ

(3) ସକ୍ରିୟ ଶ୍ରବଣ

(4) ମୌଖିକ ଅନର୍ଗଳତା ଅଭ୍ୟାସ

**150.** ପିଲାମାନେ ଭାଷାର ଧାରା କେତୋଟି ବାକ୍ୟ ବାରମ୍ବାର କହି, ଜାଣିଲେ । ସେମାନେ କେତେକ ଖଣ୍ଡବାକ୍ୟର ଡ୍ରିଲ୍ କଲାବେଳେ ଶିକ୍ଷକଙ୍କ ଠାରୁ ପ୍ରକୃତ କଥନର ଧାରା ଶିଖିଲେ । ଏଥିରେ ଶିକ୍ଷକ କେଉଁ ପଦ୍ଧତି ବ୍ୟବହାର କରିଛନ୍ତି ?

(1) କଥୋପକଥନ ପଦ୍ଧତି

(2) ସମଗ୍ର ଶାରୀରିକ ପ୍ରତିକ୍ରିୟା (TPR)

(3) ଗଠନାତ୍ମକ ପଦ୍ଧତି

(4) ଶ୍ରାବ୍ୟ-ଭାଷିକ ପଦ୍ଧତି

- o O o -

Prepp
Your Personal Exams Guide

SPACE FOR ROUGH WORK

Prepp
Your Personal Exam Guide

## ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :

1. ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଭାବରେ ଦିଆଯିବ ପରୀକ୍ଷା ପୁସ୍ତିକାରେ ବୁଝାଇ ଦିଆଯାଇଛି । ଉତ୍ତର ଦେବା ପୂର୍ବରୁ ସେଗୁଡିକୁ ଭଲଭାବରେ ପଢ଼ିନେବା ଉଚିତ୍ ।
2. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର **ପୃଷ୍ଠା-2** ରେ **କଳା/ନୀଳ ବଲ୍ ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।
3. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।
4. ପ୍ରଶ୍ନପତ୍ର ଓ ଉତ୍ତରଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।
5. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।
6. OMR ଉତ୍ତରପତ୍ରରେ ଦିଆଯାଇଥିବା ସାଙ୍କେତିକ ତଥ୍ୟ ମେସିନ୍ ଦ୍ୱାରା ପଢ଼ାଯିବ । ତେଣୁ କୌଣସି ପ୍ରକାରର ତଥ୍ୟ ପ୍ରଦାନକାରୀ ସ୍ଥାନକୁ ଖୋଲା ଛଡ଼ା ଯିବନାହିଁ । ଏହାଛଡ଼ା ଆଡ଼ମିଟ୍ କାଡ଼ରେ ଦିଆଯାଇଥିବା ତଥ୍ୟଠାରୁ ଏହା ପୃଥକ ହେବା ଉଚିତ୍ ନୁହେଁ ।
7. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।
8. ମୋବାଇଲ୍ ଫୋନ, ୱାୟରଲେସ୍ ଯୋଗାଯୋଗ ଯନ୍ତ୍ର ତଥା ଅନ୍ୟ ପଦାର୍ଥ ଆଦି ପରୀକ୍ଷା କକ୍ଷକୁ ନିଆଯାଇପାରିବ ନାହିଁ । ଏ ନିର୍ଦ୍ଦେଶର ଅବମାନନା କଲେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରାଗଲା ବୋଲି ଧରି ନିଆଯିବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ପରୀକ୍ଷାକୁ ବାତିଲ୍ କରାଯିବ ।
9. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ଦେଖାଇବେ ।
10. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ବିନା କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।
11. ପରୀକ୍ଷକଙ୍କୁ ଉତ୍ତରଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନଥିବା ପରୀକ୍ଷାର୍ଥୀ ଉତ୍ତରଖାତା ଦେଇ ନାହାନ୍ତି ଏବଂ ଅସାଧୁ କାର୍ଯ୍ୟରେ ଲିପ୍ତ ଅଛନ୍ତି ବୋଲି ଧରିନିଆଯିବ । **ପରୀକ୍ଷାର୍ଥୀ ନିଜର ବାମହାତର ବୃଦ୍ଧାଙ୍ଗୁଷ୍ଠିର ଚିହ୍ନ ଉପସ୍ଥିତି ପତ୍ରରେ ଦିଆଯାଇଥିବା ସ୍ଥାନରେ ଦେବା ଆବଶ୍ୟକ ।**
12. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।
13. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
14. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ କରାଯାଇପାରିବ ନାହିଁ ।
15. **ପରୀକ୍ଷା ସରିଲା ପରେ, ଉତ୍ତରପତ୍ରକୁ ପରୀକ୍ଷା କକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇପାରିବେ ।**

Prepp
Your Personal Exams Guide

## निम्नलिखित निर्देशों को ध्यान से पढ़ें :

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के **पृष्ठ-2** पर केवल एक वृत्त को ही पूरी तरह **नीले/काले बॉल पॉइन्ट पेन** से भरें। एक बार उत्तर अंकित करने के बाद उसे बदला नहीं जा सकता है।
3. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ। परीक्षार्थी अपना अनुक्रमांक उत्तर-पत्र में निर्धारित स्थान के अतिरिक्त अन्यत्र न लिखें।
4. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के कोड या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी।
5. परीक्षा पुस्तिका/उत्तर पत्र में दिए गए परीक्षा पुस्तिका कोड व संख्या को परीक्षार्थी सही तरीके से उपस्थिति-पत्र में लिखें।
6. OMR उत्तर पत्र में कोडित जानकारी को एक मशीन पढ़ेगी। इसलिए कोई भी सूचना अधूरी न छोड़ें और यह प्रवेश-पत्र में दी गई सूचना से भिन्न नहीं होनी चाहिए।
7. परीक्षार्थी द्वारा परीक्षा हॉल/कक्ष में प्रवेश-पत्र के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है।
8. मोबाइल फोन, बेतार संचार युक्तियाँ (स्विच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए। इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और परीक्षार्थी विरुद्ध कार्यवाही की जाएगी, परीक्षा रद्द करने सहित।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें।
11. कार्यरत निरीक्षक को अपना उत्तर पत्र दिए बिना एवं उपस्थिति-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे। यदि किसी परीक्षार्थी ने दूसरी बार उपस्थिति-पत्र पर हस्ताक्षर नहीं किए, तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा। **परीक्षार्थी अपने बाएँ हाथ के अंगूठे का निशान उपस्थिति-पत्र में दिए गए स्थान पर अवश्य लगाएँ।**
12. इलेक्ट्रॉनिक/हस्तचालित परिकलक का उपयोग वर्जित है।
13. परीक्षा हॉल/कक्ष में आचरण के लिए परीक्षार्थी परीक्षण संस्था के सभी नियमों एवं विनियमों द्वारा नियमित हैं। अनुचित साधनों के सभी मामलों का फैसला परीक्षण संस्था के नियमों एवं विनियमों के अनुसार होगा।
14. किसी भी परिस्थिति में परीक्षा पुस्तिका और उत्तर पत्र का कोई भाग अलग न करें।
15. **परीक्षा सम्पन्न होने पर, परीक्षार्थी हॉल/कक्ष छोड़ने से पूर्व उत्तर पत्र निरीक्षक को अवश्य सौंप दें।** ***परीक्षार्थी अपने साथ इस परीक्षा पुस्तिका को ले जा सकते हैं।***

## READ THE FOLLOWING INSTRUCTIONS CAREFULLY :

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Blue / Black Ball Point Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
4. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet/Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/room.
8. Mobile phones, wireless communication devices (even in switched off mode) and the other banned items should not be brought in the examination halls/rooms. Failing to comply with this instruction, it will be considered as using unfair means in the examination and action will be taken against the candidate including cancellation of examination.
9. Each candidate must show on demand his/her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his/her seat.
11. The candidates should not leave the Examination Hall/Room without handing over their Answer Sheet to the Invigilator on duty and sign the Attendance Sheet twice. Cases where candidate has not signed the Attendance Sheet second time will be deemed not to have handed over the Answer Sheet and dealt with as an unfair means case. **The candidates are also required to put their left hand THUMB impression in the space provided in the Attendance Sheet.**
12. Use of Electronic/Manual Calculator is prohibited.
13. The candidates are governed by all Rules and Regulations of the Examining Body with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Examining Body.
14. No part of the Test Booklet and Answer Sheet shall be detached under any circumstances.
15. **On completion of the test, the candidate must hand over the Answer Sheet to the Invigilator in the Hall / Room.** ***The candidates are allowed to take away this Test Booklet with them.***

Prepp Your Personal Exams Guide